# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 08 October - 2023

### News Editor : ITISHREE SINGH RATHAUR

**********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ବାୟୁସେନାର ଆଜି ୯୧ତମ ପ୍ରତିଷ୍ଠା ଦିବସ

— ବାୟୁସେନାର ବୀରମାନଙ୍କ ପରାକ୍ରମ, ସମର୍ପଣ ଓ ବଳିଦାନ ପାଇଁ ଦେଶର ଆକାଶପଥ ସୁରକ୍ଷିତ ବୋଲି କହିଲେ, ପ୍ରଧାନମନ୍ତ୍ରୀ

- କଟକ ବାଦାମବାଡିର ପୁରୀ-ଅନୁଗୁଳ ବସ୍‌ଷ୍ଟାଣ୍ଡରେ ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପାଠାଗାର

- ରାଜ୍ୟର ବିଭିନ୍ନ ସ୍ଥାନରେ ସାଇବର ଅପରାଧର ମୁକାବିଲା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଏବଂ

- ଏସୀୟ କ୍ରୀଡାରେ ବ୍ରୋଞ୍ଜ ପଦକ ଜିତିଥିବା ମହିଳା ହକି ଦଳର ସଦସ୍ୟ ଦୀପଗ୍ରେସ୍ ଏକ୍କାଙ୍କ ପାଇଁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କଲେ ରାଜ୍ୟ ସରକାର

# ବାୟୁସେନା ଦିବସ

ଭାରତୀୟ ବାୟୁସେନା ଆଜି ୯୧ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଏହି ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି। ସେ ସୋସିଆଲ୍ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ଭାରତୀୟ ବାୟୁସେନାର ସାହସ, ପରାକ୍ରମ ଓ ସମର୍ପଣ ପାଇଁ ଭାରତ ଗର୍ବିତ। ସେମାନଙ୍କର ନିଃସ୍ୱାର୍ଥସେବା ଏବଂ ବଳିଦାନ ପାଇଁ ଦେଶର ଆକାଶପଥ ସୁରକ୍ଷିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିଭଳି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ମଧ୍ୟ ବାୟୁସେନା ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଭାରତର ଆକାଶପଥ ସୁରକ୍ଷିତ ରଖିବାରେ ବାୟୁସେନାର ବୀର ଯୋଦ୍ଧାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସୋସିଆଲ୍ ମିଡିଆ ପୋଷ୍ଟ ମାଧ୍ୟମରେ ଭାରତୀୟ ବାୟୁସେନାର ସାହସ ଓ ସମର୍ପଣକୁ ପ୍ରଶଂସା କରିଛନ୍ତି। ଭାରତର ଏକତା ଓ ସାର୍ବଭୌମତ୍ୱର ସୁରକ୍ଷା କରୁଥିବା ବୀରଯୋଦ୍ଧାମାନଙ୍କୁ ନମନ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାୟୁସେନାର ଅଧିକାରୀ କର୍ମଚାରୀ ଏବଂ ସେମାନଙ୍କର ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବାୟୁସେନା ଦିବସ ଅବସରରେ ଉତ୍ତରପ୍ରଦେଶ ପ୍ରୟାଗରାଜର ବାମରାଉଲି ବାୟୁସେନା କେନ୍ଦ୍ରଠାରେ ଏକ ପ୍ୟାରେଡ୍‌ର ଆୟୋଜନ କରାଯାଇଛି। ବାୟୁସେନା ମୁଖ୍ୟ ଏୟାରଚିଫ୍ ମାର୍ଶଲ ଭି.ଆର୍.ଚୌଧୁରୀ, ପ୍ରତିରକ୍ଷାବାହିନୀ ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ ଏବଂ କେନ୍ଦ୍ରୀୟ

ଏୟାର କମାଣ୍ଡ ଜେନେରାଲ ଅଫିସର ଇନ୍ କମାଣ୍ଡ ଏୟାର ମାର୍ଶାଲ ଆର୍.ଜି.କେ କପୁର ଏହି ପ୍ୟାରେଡ୍ ଉତ୍ସବରେ ଅଭିବାଦନ ଗ୍ରହଣ କରିଛନ୍ତି । ଏୟାରଚିଫ୍ ମାର୍ଶାଲ ବିମାନବାହିନୀର ୪ଟି ଶାଖାକୁ ପଦକ ପ୍ରଦାନ କରିଛନ୍ତି । ଷୋଡଶ ସ୍କ୍ୱାର୍ଡନ, ୧୪୨ ହେଲିକପ୍ଟର ୟୁନିଟ୍, ୯୦୧ ସିଗ୍ନାଲ ୟୁନିଟ୍ ଏବଂ ତିନି ବେସ୍ ରିପ୍ୟାର ଡିପୋକୁ ବିଚକ୍ଷଣ ସେବା ପ୍ରଦାନ ପାଇଁ ଏହି ପଦକ ଦିଆଯାଇଛି ।

## ଅତ୍ୟାଧୁନିକ ପାଠାଗାର

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସମାଜବାଦୀ ନେତା ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିରେ ଏକ ଅତ୍ୟାଧୁନିକ ପାଠାଗାର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଏହି ପାଠାଗାର କଟକର ପୁରୀ-ଅନୁଗୁଳ ବସ୍‌ଷ୍ଟାଣ୍ଡ ବାଦାମବାଡିଠାରେ ପ୍ରତିଷ୍ଠା କରାଯିବ। ମୁଖ୍ୟମନ୍ତ୍ରୀ ଏଥିପାଇଁ ୩୦ କୋଟି ୫୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ପ୍ରସ୍ତାବକୁ ମଧ୍ୟ ମଞ୍ଜୁର କରିଛନ୍ତି। ଫାଇଭ୍-ଟି ସଚିବ ଭି.କେ.ପାଣ୍ଡିଆନ୍‌ଙ୍କ କଟକ ଗସ୍ତ ସମୟରେ ସ୍ୱର୍ଗତଃ ପଣ୍ଡିତଙ୍କ ସ୍ମୃତିରେ ଅତ୍ୟାଧୁନିକ ପାଠାଗାର ପ୍ରତିଷ୍ଠା ପାଇଁ କଟକବାସୀଙ୍କ ମତକୁ ଗ୍ରହଣ କରି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଏଠାରେ ଏକ ବଡ଼ ପଠନକକ୍ଷ ରଖାଯିବ। ଯେଉଁଠି ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିପାରିବେ।

ସୂଚନାଯୋଗ୍ୟ, କଟକର ଡଗରପଡାଠାରେ ଜନ୍ମଗ୍ରହଣ କରିଥିବା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ କାରାବରଣ କରିଥିଲେ। ଏହାପରେ ସମାଜବାଦୀ ଆନ୍ଦୋଳନରେ ଯୋଗଦେଇ ଦଳିତ ଓ

ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଜୀବନବ୍ୟାପୀ ସଂଗ୍ରାମ କରିଥିଲେ। ତାଙ୍କ ନାମରେ ପାଠାଗାର ପ୍ରତିଷ୍ଠା ଦ୍ୱାରା ସ୍ୱର୍ଗତ ପଣ୍ଡିତଙ୍କ ସ୍ମୃତିକୁ ଉପଯୁକ୍ତ ସମ୍ମାନ ମିଳିବା ସହ ତାଙ୍କ ଅବଦାନରେ ଯୁବପିଢ଼ି ଅନୁପ୍ରାଣିତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ଆଇଏଏସ୍ ଅଦଳବଦଳ

ରାଜ୍ୟ ସରକାର ବରିଷ୍ଠ ପ୍ରଶାସନିକ ଅଧିକାରୀ ସ୍ତରରେ ଅଦଳବଦଳ କରିଛନ୍ତି। ବିଷ୍ଣୁପଦ ସେଠୀଙ୍କୁ  ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସଚିବ ଦାୟିତ୍ୱ ଦିଆଯାଇଛି। ସେହିପରି ଭାସ୍କର ଜ୍ୟୋତି ଶର୍ମା ଜମିଜମା ରେକର୍ଡ ଓ ସେଟଲମେଣ୍ଟ କମିଶନର ଏବଂ ବି. ପରମେଶ୍ୱରନ ଚକବନ୍ଦୀ କମିଶନର ଭାବେ ନିଯୁକ୍ତ ହୋଇଛନ୍ତି।

ସେହିପରି ଜ୍ୟୋତିପ୍ରକାଶ ଦାସ ସ୍ପେସାଲ ପ୍ରୋଜେକ୍ଟ ପିଆର ଆଣ୍ଡ ଡିଡବ୍ଲୁ ବିଭାଗର ନିର୍ଦ୍ଦେଶକ ହୋଇଛନ୍ତି। ଏହାସହ ସେ ଆରଓଟିଆଇର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ସ୍ପେଶାଲ ପ୍ରୋଜେକ୍ଟ, ପିଆର ଆଣ୍ଡ ଡି ଡବ୍ଲୁ ବିଭାଗର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କୁ ପାନୀୟ ଜଳ ଓ ପରିମଳ ବିଭାଗର ନିର୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ନିର୍ଦେଶକ ତଥା ସୁବ୍ରତ ଶତପଥୀଙ୍କୁ ରେଜିଷ୍ଟ୍ରେସନ ବିଭାଗର ଇନସ୍ପେକ୍ଟର ଜେନେରାଲ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

## ସାଇବର କ୍ରାଇମ୍

ସାଇବର ଅପରାଧର ମୁକାବିଲା ପାଇଁ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

ଏହି ଅବସରରେ **ବାଲେଶ୍ୱର** ଜିଲ୍ଲା ପୋଲିସ୍ ପ୍ରଶାସନ ପକ୍ଷରୁ ରାହାଗିରି ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିବାବେଳେ ଛାତ୍ରଛାତ୍ରୀମାନେ ଯୋଗାଭ୍ୟାସ, ଚିତ୍ରାଙ୍କନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଜିଲ୍ଲା ଏସ୍‌ପି ସାଗରିକା ନାଥଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ  ଉପସ୍ଥିତ ରହି ସାଇବର ଅପରାଧ ସମ୍ପର୍କରେ ସଚେତନତା ବାର୍ତ୍ତା  ପ୍ରଦାନ କରିଥିଲେ । ସେହିପରି, **ଭଦ୍ରକ** ଜିଲ୍ଲା ପ୍ରଶାସନ ପୋଲିସ୍ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନରେ ଆଜି ମିନି ମାରାଥନ୍ ଓ ସାଇକେଲ୍ ଶୋଭାଯାତ୍ରା କରାଯାଇ ଲୋକମାନଙ୍କୁ ସଚେତନ ରହିବାକୁ ଆହ୍ୱାନ କରାଯାଇଛି ।

ଭଦ୍ରକର ଗାନ୍ଧିପଡ଼ିଆ ଏବଂ ରାଜଘାଟ ଗୋଶାଳା ଛକରେ ମିନି ମାରାଥନ୍ ଦୌଡ଼ ଏବଂ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । **କେନ୍ଦ୍ରାପଡ଼ା** ଜିଲ୍ଲା ପୁଲିସ୍ ପକ୍ଷରୁ ଟାଉନ୍ ହାଇସ୍କୁଲ ପଡିଆରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।  ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଗଣଦୌଡ ଆୟୋଜନ କରାଯାଇଥିଲା । ସାଇବର ମାସ୍କର୍ଟ ଦ୍ୱାରା ମଧ୍ୟ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । **ନୟାଗଡ଼** ଜିଲ୍ଲା ପୁଲିସ୍ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଗଣଦୌଡ଼ ସହ ଚିତ୍ରାଙ୍କନ ପ୍ରତିଯୋଗିତା  ଆୟୋଜିତ କରାଯାଇଛି ।

## ଦୀପ୍‌ଗ୍ରେସ୍ ଏକ୍କା

ଚୀନ୍‌ର ହାଙ୍ଗ୍‌ଝୌଠାରେ ଅନୁଷ୍ଠିତ ଏସୀୟ କ୍ରୀଡାରେ ବ୍ରୋଞ୍ଜ ପଦକ ଜିତିଥିବା ମହିଳା ହକି ଦଳରେ ସାମିଲ ଓଡ଼ିଆ ଖେଳାଳୀ ଦୀପଗ୍ରେସ୍ ଏକ୍କାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୀପଗ୍ରେସ୍ ଏକ୍କା ରାଜ୍ୟର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ। ଦେଶର ଖେଳାଳୀମାନଙ୍କ ପାଇଁ ସେ ଆଶା, ଆକାଂକ୍ଷା ଓ ଗର୍ବର ପ୍ରତୀକ ସାଜିଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମହିଳା ହକି ଦଳର ପ୍ରତ୍ୟେକ ଖେଳାଳୀ ଓ ସହାୟକ କର୍ମଚାରୀଙ୍କ ପାଇଁ ୩ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରିଥିଲେ। ସୂଚନା ଅନୁସାରେ, ଚଳିତବର୍ଷ ଭାରତ ଏସୀୟ କ୍ରୀଡାରେ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଏବଂ ୪୧ଟି କାଂସ୍ୟ ପଦକ ହାସଲ କରି ମୋଟ ୧୦୭ ପଦକ ସହ ଇତିହାସ ସୃଷ୍ଟି କରିଛି।

## ଏସୀୟ କ୍ରୀଡା

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏସୀୟ କ୍ରୀଡ଼ାରେ ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାରେ ରୌପ୍ୟପଦକ ହାସଲ କରିଥିବା ଓଡ଼ିଆ ଆଥଲେଟ୍ କିଶୋର କୁମାର ଜେନାଙ୍କୁ ନୂଆଦିଲ୍ଲୀଠାରେ ଭେଟି ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି, ଏସୀୟ କ୍ରୀଡ଼ାରେ ରୌପ୍ୟପଦକ ବିଜେତା ଓଡ଼ିଆ ଆଥଲେଟ୍ କିଶୋର କୁମାର ଜେନା ନିଜର ଉଚ୍ଚକୋଟୀର ପ୍ରଦର୍ଶନ ମାଧ୍ୟମରେ ପ୍ରତ୍ୟେକ ଭାରତୀୟଙ୍କ ହୃଦୟ ଜିତିଛନ୍ତି। ତାଙ୍କ ଆତ୍ମବିଶ୍ୱାସ, ପରିଶ୍ରମ ଓ ଆଗକୁ ବଢିବାର ଅଭିଳାଷ ପ୍ରଶଂସନୀୟ ।

# ଛତୁ କନ୍‌କ୍ଲେଭ୍-୨୦୨୩

ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଛତୁ କନ୍‌କ୍ଲେଭ୍-୨୦୨୩ ଉଦ୍‌ଘାଟିତ ହୋଇଛି । କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଛତୁଚାଷ ପରି ଅର୍ଥକାରୀ ଫସଲ ଚାଷୀର ଆୟ ବୃଦ୍ଧିରେ ସହାୟକ ହୋଇଥାଏ । ଜୈବ ବିବିଧତା ଦୃଷ୍ଟିରୁ ଛତୁଚାଷ ପାଇଁ ରାଜ୍ୟରେ ବ୍ୟାପକ ସୁଯୋଗ ରହିଛି ବୋଲି ସେ କହିଛନ୍ତି । ସୂଚନା ଅନୁସାରେ ରାଜ୍ୟ ସରକାର ଛତୁ ଚାଷକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଛତୁମିଶନ ଆରମ୍ଭ କରିଛନ୍ତି । ଏଥିପାଇଁ ୨୦୨୨-୨୩ରୁ ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୩୨୮କୋଟି ୮୮ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

# ଶିମିଳିପାଳ

ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ୧୪ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ । ଏନେଇ ଶମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଏକ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି । ପୂର୍ବପରି ଦୈନିକ ୩୫ଟି ଗାଡି ଯଶୀପୁର ଓ ୨୫ଟି ଗାଡ଼ି

ପିଠାବଟା ଦେଇ ପ୍ରବେଶ କରିପାରିବ । ଏହି ୨ଟି ତନଖି ଫାଟକରେ ସକାଳ ୯ଟାରୁ ୬ଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଅନୁମତିପତ୍ର ପାଇପାରିବେ ।

## ଗଣେଶ ଭସାଣ

କଟକରେ ଆଜି ଅନ୍ତିମପର୍ଯ୍ୟାୟ ଗଣେଶ ଭସାଣ ଉତ୍ସବ ଅନୁଷ୍ଠିତ ହେଉଛି । ୨୨୧ରୁ ଊର୍ଦ୍ଧ୍ୱ ପ୍ରତୀମା ବିସର୍ଜିତ ହେବା ପାଇଁ ସମ୍ପୃକ୍ତ କ୍ଲବ ଓ କମିଟିଗୁଡ଼ିକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏଥିଲାଗି ସିଏମ୍‌ସି ପକ୍ଷରୁ ୧୫ଟି ସ୍ଥାନରେ କୃତ୍ରିମ ଜଳାଶୟ କରାଯାଇଛି । ଭସାଣ ସମୟରେ ସହରରେ ୨୫ପ୍ଲାଟୁନ୍ ଫୋର୍ସ ସମେତ ୧୫୦ରୁ ଅଧିକ ଅଧିକାରୀ ମୁତୟନ ରହିଥିବା କମିଶନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି । ଶବ୍ଦ ପ୍ରଦୂଷଣ ରୋକିବା ଲାଗି ଯାଞ୍ଚକୁ କଡ଼ାକଡ଼ି କରାଯିବା ସହିତ ରାତି ୧୦ଟାରେ ସମସ୍ତ ବାଜା ବନ୍ଦ କରାଯିବ ବୋଲି ଜଣାପଡିଛି ।

## ଜନଜାତି କାର୍ଯ୍ୟକ୍ରମ

କଳାହାଣ୍ଡି ଜିଲ୍ଲା ୬୪ ବାଟାଲିୟନ୍ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳର ଅଟାଙ୍ଗଗୁଡ଼ାସ୍ଥିତ କ୍ୟାମ୍ପ ପରିସରରେ ପଞ୍ଚଦଶତମ ଜନଜାତି ଯୁବ ଆଦାନପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଶାଖା

୬୪ ବାଟାଲିୟନ୍ ସିଆରପିଏଫ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭବାନୀପାଟଣା ବ୍ଲକ୍‌ର ମାଓପ୍ରବଣ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ୨୦ ଜଣ ଯୁବକଯୁବତୀ ଚଣ୍ଡିଗଡ଼ ଯାତ୍ରା କରିଛନ୍ତି । ସେଠାରେ ୧୦ ରୁ ୧୬ ତାରିଖ ପର୍ଯ୍ୟନ୍ତ ଶିବିରର ଆୟୋଜନ କରାଯାଇଥିବାବେଳେ ଏହି ସଦସ୍ୟମାନେ କଳାହାଣ୍ଡି ଜିଲ୍ଲାର କଳା ଓ ସଂସ୍କୃତି ତଥା ଦର୍ଶନୀୟ ସ୍ଥାନ ସମ୍ପର୍କରେ ନିଜ ଅନୁଭୂତି ଅନ୍ୟ ରାଜ୍ୟର ଯୁବକଯୁବତୀମାନଙ୍କ ସହ ବାଣ୍ଟିବେ ଏବଂ ସେମାନଙ୍କ ରାଜ୍ୟ ସମ୍ପର୍କରେ ଜ୍ଞାନ ଆହରଣ କରିବେ ବୋଲି ଜଣାପଡିଛି ।

*********************************